# NATIONAL NEWS BULLETIN (ODIA)

**1 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ୭ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ଜାରି ରହିଛି ମତ ଗ୍ରହଣ ।

  –ଅପରାହ୍ନ ଗୋଟାଏ ସୁଦ୍ଧା ପ୍ରାୟ ୪୦ ପ୍ରତିଶତ ମତଦାନ

- ଓଡ଼ିଶାରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ୪୨ଟି ବିଧାନସଭା ଆସନ ଲାଗି ମତଦାନ ପ୍ରକ୍ରିୟା ଜାରି ।

- ଅରୁଣାଚଳପ୍ରଦେଶ ଏବଂ ସିକିମ୍‌ରେ ଆସନ୍ତାକାଲି ହେବ ବିଧାନସଭା ନିର୍ବାଚନର ଭୋଟ୍ ଗଣତି ।

- ଯୁକ୍ତରାଷ୍ଟ୍ର ଆମେରିକାର ପରାମର୍ଶରେ ଇସ୍ରାଏଲ୍ ଦ୍ୱାରା ପ୍ରସ୍ତାବିତ ଅସ୍ତ୍ରବିରତିକୁ ଗ୍ରହଣ କରିବାକୁ କାତାର ଏବଂ ଇଜିପ୍ଟ’ ହମାସ୍‌ର ରାଜନୈତିକ ନେତୃବୃନ୍ଦ ସହ ଆଲୋଚନା ।

ଏବଂ

- ବ୍ୟବସାୟିକ ଏଲ୍‌ପିଜି ଗ୍ୟାସ୍ ଦର ସିଲିଣ୍ଡର ପିଛା ଅଣସ୍ତରୀ ଟଙ୍କା ୫୦ ପଇସା ହ୍ରାସ ।

# ଇଲେକ୍ସନ୍ - ସେଭେନ୍ଥ୍ ଫେଜ୍

ଦେଶରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଲାଗି ଭୋଟ ଗ୍ରହଣ ଜାରି ରହିଛି । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ମୋଟ୍ ୫୭ଟି ସଂସଦୀୟ କ୍ଷେତ୍ର ଲାଗି ମତଦାନ ହେଉଛି । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ ଆସନ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଓ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଲୋକସଭା ଆସନ ଅନ୍ତର୍ଭୁକ୍ତ । ୯୦୪ ଜଣ ପ୍ରାର୍ଥୀଙ୍କର ଆଜି ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରିତ ହେଉଛି ।

ଅପରାହ୍ନ ଗୋଟାଏ ସୁଦ୍ଧା ହିମାଚଳ ପ୍ରଦେଶରେ ୪୯ ପ୍ରତିଶତ, ଝାଡ଼ଖଣ୍ଡରେ ୪୬ ପ୍ରତିଶତ, ପଶ୍ଚିମବଙ୍ଗରେ ୪୫ ପ୍ରତିଶତ, ଉତ୍ତରପ୍ରଦେଶରେ ୩୯, ବିହାରରେ ୩୬, ପଞ୍ଜାବରେ ୩୮, ଚଣ୍ଡୀଗଡ଼ରେ୪୦ ପ୍ରତିଶତ ଏବଂ ଓଡ଼ିଶାରେ ପାଖାପାଖି ୩୮ ପ୍ରତିଶତ ମତଦାନ ହୋଇଛି । ମୋଟାମୋଟି ଏପର୍ଯ୍ୟନ୍ତ ୪୦ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

ଏହି ପର୍ଯ୍ୟାୟରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ରବିଶଙ୍କର ପ୍ରସାଦ, କଂଗ୍ରେସ ନେତା ବିକ୍ରମାଦିତ୍ୟ ସିଂ, ମନୀଶ ତିୱାରୀ, ଆର୍.ଜେ.ଡି.ର ନେତା ମିଶା ଭାରତୀ ଏବଂ ତୃଣମୂଳ କଂଗ୍ରେସ ନେତା ଅଭିଷେକ ବାନାର୍ଜୀ ଅଛନ୍ତି । ଆଜିର ମତଗ୍ରହଣ ପରେ ଗତ ଏପ୍ରିଲ୍ ମାସ ୧୯ ତାରିଖରୁ ଆରମ୍ଭ ହୋଇଥିବା ନିର୍ବାଚନ ଋତୁ ସହ

୪୮୬ଟି ଲୋକସଭା ଆସନପାଇଁ ଭୋଟ୍‌ଗ୍ରହଣ ଶେଷ ହେବ । ଆସନ୍ତାମାସ ୪ ତାରିଖରେ ସମସ୍ତ ପର୍ଯ୍ୟାୟ ନିର୍ବାଚନର ଭୋଟ ଗଣତି କରାଯିବ ।

## ଓଡ଼ିଶା ଇଲେକ୍‌ସନ୍

ଓଡ଼ିଶାରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ୬ଟି ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ଲାଗି ଏକ ସଙ୍ଗେ ମତଗ୍ରହଣ ଚାଲିଛି । ସଂସଦୀୟ କ୍ଷେତ୍ର ଗୁଡ଼ିକ ହେଉଛି - ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଜଗତସିଂହପୁର ।

ଏହି ପର୍ଯ୍ୟାୟରେ ୯୯ ଲକ୍ଷ ୬୧ ହଜାର ୫୭ ଜଣ ମତଦାତା ୧୦ ହଜାର ୮୮୨ଟି ଭୋଟଗ୍ରହଣ କେନ୍ଦ୍ରରେ ମୋଟ୍ ୪୬୦ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେମାନଙ୍କ ମଧ୍ୟରେ ଲୋକସଭା ଆସନ ପାଇଁ ୬୬ ଜଣ ଏବଂ ବିଧାନସଭା ଆସନ ପାଇଁ ୩୯୪ ଜଣ ଅଛନ୍ତି ।

ଏହି ଅନ୍ତିମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ପ୍ରତାପ ଷଡ଼ଙ୍ଗୀ, ବିଜେପିର ଜାତୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବି.ଜେ.ଡି.ର ସୁଦାମ ମାରାଣ୍ଡି, ଲେଖାଶ୍ରୀ ସାମନ୍ତ ସିଂହାର, ମଞ୍ଜୁଲତା ମଣ୍ଡଳ, ଅଂଶୁମାନ୍ ମହାନ୍ତି ଏବଂ କଂଗ୍ରେସର ଶ୍ରୀକାନ୍ତ କୁମାର ଜେନା, ଜେ.ଏମ୍.ଏମ୍. ଅଞ୍ଜନୀ ସୋରେନ୍ ପ୍ରମୁଖ ଅଛନ୍ତି । ସେହିଭଳି ଏହି ପର୍ଯ୍ୟାୟ ବିଧାନସଭା ଲାଗି ହେଉଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତା ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡ଼ାଇ, ସୁବାସିନୀ ଜେନା, ଅଶ୍ୱିନୀ ପାତ୍ର, ତୁଷାରକାନ୍ତୀ ବେହେରା, ପ୍ରଦେଶ

କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ରହିଛନ୍ତି ।

## ଏପି-ଆସେମ୍ବ୍ଲି କାଉଣ୍ଟିଂ

ଅରୁଣାଚଳପ୍ରଦେଶ ଏବଂ ସିକିମ୍‌ରେ ଆସନ୍ତାକାଲି ବିଧାନସଭା ନିର୍ବାଚନର ଭୋଟ୍ ଗଣତି ହେବ । ସକାଳ ୬ଟାରୁ ଭୋଟ୍ ଗଣତି ଆରମ୍ଭ ହେବ । ପ୍ରଥମେ ପୋଷ୍ଟାଲ୍ ବାଲଟ୍ ଗଣତି କରାଯିବ । ଅରୁଣାଚଳ ପ୍ରଦେଶରେ ଭୋଟ୍ ଗଣତି ପାଇଁ ୨୪ଟି କେନ୍ଦ୍ର ସ୍ଥାପନ କରାଯାଇଛି । ୨୦୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ଭୋଟ ଗଣତି କାର୍ଯ୍ୟରେ ନିୟୋଜିତ ହେବେ । ସୂଚନାଯୋଗ୍ୟ ଅରୁଣାଚଳ ପ୍ରଦେଶର ୬୦ଟି ବିଧାନସଭା ଆସନ ମଧ୍ୟରୁ ୧୦ଟିରେ ବିଜେପି ପ୍ରାର୍ଥୀ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି । ସିକିମର ୩୨ଟି ଏବଂ ଅରୁଣାଚଳ ପ୍ରଦେଶର ଅବଶିଷ୍ଟ ବିଧାନସଭା ଆସନ ପାଇଁ ଏପ୍ରିଲ୍ ମାସ ୧୯ ତାରିଖରେ ମତ ଗ୍ରହଣ କରାଯାଇଥିଲା ।

## ଝାଡ଼ଖଣ୍ଡ ପୋଲିଂ

ଝାଡ଼ଖଣ୍ଡର ଗୋଡ୍ଡା, ଡୁମ୍‌କା ଏବଂ ରାଜମାହଲ ନିର୍ବାଚନ କ୍ଷେତ୍ରଗୁଡ଼ିକର କେତେକ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟିଥିବା ଜଣାପଡ଼ିଥିଲା । ସେଠାରେ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମତ ଗ୍ରହଣ କରାଯିବ । ଆମ ସମ୍ବାଦଦାତା ଜଣାଇଛନ୍ତି ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି ।

# ଏପି-ରେନ୍‌ଫଲ୍

ଆନ୍ଧ୍ରପ୍ରଦେଶର କାକିନଡ଼ା ଓ କୋନାସିମା ଜିଲ୍ଲାରେ ଆଜି ସକାଳେ ଝଡ଼ତୋଫାନ ଓ ପ୍ରବଳ ବର୍ଷା ହୋଇଛି । ମନ୍ଦିର ସହର ଆନାବରମ୍, ପିତାପୁରମ୍ ଓ ରାମଚନ୍ଦ୍ରପୁରମ୍ ଆଦି ସ୍ଥାନରେ ପ୍ରବଳ ବର୍ଷା ହେବାରୁ ଜନଜୀବନ ଅତ୍ୟଧିକ ଗ୍ରୀଷ୍ମରୁ ତ୍ରାହି ପାଇଛନ୍ତି ।

---

# ଏଲ୍‌ପିଜି ପ୍ରାଇସ୍

ତୈଳ ବିପଣନ କମ୍ପାନୀ ଗୁଡ଼ିକ ବ୍ୟବସାୟିକ ଏଲ୍‌ପିଜି ଗ୍ୟାସ୍ ଦର ସିଲିଣ୍ଡର ପିଛା ଅଣସ୍ତରୀ ଟଙ୍କା ୫୦ ପଇସା ହ୍ରାସ କରିଛନ୍ତି । ଭାରତୀୟ ତୈଳ ନିଗମ ଲିମିଟେଡ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗ୍ୟାସ୍ ସିଲିଣ୍ଡର ପିଛା ଖୁଚୁରା ଦର  ଦିଲ୍ଲୀରେ ୧ ହଜାର ୬୭୬ ଟଙ୍କା ଥିବା କହିଛି ।  ଏହି ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ କୋଲକାତାରେ ୭୨ ଟଙ୍କା, ମୁମ୍ବାଇରେ ଅଣସ୍ତରୀ ଟଙ୍କା ୫୦ ପଇସା ଓ ଚେନ୍ନାଇରେ ୭୦ ଟଙ୍କା ୫୦ ପଇସା ହ୍ରାସ ପାଇଛି । ଆଜିଠାରୁ ଏହି ଦର ଲାଗୁ ହୋଇଛି । ସେହିଭଳି ବେସାମରିକ ବିମାନ ଇନ୍ଧନର ଦର ମଧ୍ୟ ୬ ଦଶମିକ ୫ ପ୍ରତିଶତ ହ୍ରାସ ପାଇଛି ।

---

# ସାମୁଆ ଇଣ୍ଡିପେଣ୍ଡେନ୍ସ ଡେ

ସାମୁଆ ଆଜି ତା'ର ୬୨ତମ ସ୍ୱାଧୀନତା ଦିବସ ପାଳନ କରୁଛି। ଏହି ଅବସରରେ ଭାରତ ସାମୁଆକୁ ଶୁଭେଚ୍ଛା ଜଣାଇଛି । ଏକ ସାମାଜିକ ଗଣମାଧ୍ୟମକୁ ପୋଷ୍ଟ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ସାମୁଆ ସରକାର ଏବଂ ଲୋକମାନଙ୍କ ପ୍ରତି ଶୁଭେଚ୍ଛା

ବାର୍ତ୍ତା ଦେଇଛନ୍ତି । ଏହାଛଡ଼ା ଶ୍ରୀ ଜୟଶଙ୍କର ଦୁଇଦେଶ ମଧ୍ୟରେ ଶିକ୍ଷା, ଅର୍ଥନୈତିକ, ସାଂସ୍କୃତିକ, ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ ନିମନ୍ତେ ସହଯୋଗ କାମନା କରିଛନ୍ତି ।

## ପିଏମ୍-ଲୋକସଭା

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଭୋଟ୍ ଗ୍ରହଣରେ ଅଧିକରୁ ଅଧିକ ସାମିଲ ହେବା ପାଇଁ ମତଦାତାଙ୍କୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାକୁ ହେଲେ ସାଧାରଣ ଜନତାଙ୍କ ଯୋଗଦାନ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯୁବବର୍ଗ ଏବଂ ମହିଳା ମତଦାନ ପ୍ରକ୍ରିୟାରେ ଅଧିକ ସାମିଲ ହେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ପୁଣେ-ଆରେଷ୍ଟ

ପୁଣେର କଲ୍ୟାଣୀନଗର କାର ଦୁର୍ଘଟଣା ମାମଲାରେ ରକ୍ତ ନମୁନା ପରୀକ୍ଷା ରିପୋର୍ଟ ହେରଫେର ଅଭିଯୋଗରେ କଥିତ ନାବାଳକ ଚାଳକର ମାଆ ଶିବାନୀ ଅଗ୍ରୱାଲଙ୍କୁ ପୁଲିସ୍ ଗିରଫ କରିଛି । ରକ୍ତ ନମୁନା ପରୀକ୍ଷା ରିପୋର୍ଟ ପରିବର୍ତ୍ତନ କରିବା ପାଇଁ ସଂଶ୍ଳିଷ୍ଟ ଡାକ୍ତରଙ୍କୁ ସେ ଅର୍ଥ ଦେଇଥିବାର ଅଭିଯୋଗ ରହିଛି । ତାଙ୍କୁ ଆଜି କୋର୍ଟ ଚାଲାଣ କରାଯିବ । ପୁଣେ ପରୀକ୍ଷାଗାରରେ କାର୍ଯ୍ୟରତ ଦୁଇଜଣ ମହିଳା ନର୍ସଙ୍କୁ କ୍ରାଇମବ୍ରାଞ୍ଚ ଏହି ମାମଲାରେ ପଚରାଉଚରା କରିଛି । ତେବେ ଏହି ରକ୍ତ ନମୁନା ପରୀକ୍ଷା ରିପୋର୍ଟ ହେରଫେର ମାମଲାରେ ୨ ଜଣ ଡାକ୍ତର ଏବଂ ଜଣେ ସହାୟକ ସଂଶ୍ଳିଷ୍ଟ ବୋଲି ଜଣାପଡ଼ିଛି ।

# କାତାର-ଇଜିପ୍ଟ

ଯୁକ୍ତରାଷ୍ଟ୍ର ଆମେରିକାର ପରାମର୍ଶରେ ଇସ୍ରାଏଲ୍ ଦ୍ୱାରା ପ୍ରସ୍ତାବିତ ଅସ୍ତ୍ରବିରତିକୁ ଗ୍ରହଣ କରିବାକୁ କାତାର ଏବଂ ଇଜିପ୍ଟ' ହମାସ୍‌ର ରାଜନୈତିକ ନେତୃବୃନ୍ଦଙ୍କ ଉପରେ ଚାପ ପକାଉଛନ୍ତି । କାତାର ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ଅବଦୁଲ୍ ରହେମାନ୍ ଅଲ୍ ଥାନି ଏବଂ ଇଜିପ୍ଟ ଗୋଇନ୍ଦା ବିଭାଗ ମୁଖ୍ୟ ମେଜେର ଜେନେରାଲ୍ ଅବ୍‌ବାସ୍ କାମେଲ୍ ଗତ ରାତିରେ ହମାସ୍‌ର ରାଜନୈତିକ ମୁଖ୍ୟ ଇସ୍‌ମାଇଲ୍ ହାନିୟାଙ୍କୁ ସାକ୍ଷାତ କରିଥିଲେ । ଅସ୍ତ୍ର ବିରତି ପାଇଁ ଇସ୍ରାଏଲ୍‌ର ପ୍ରସ୍ତାବକୁ ଗ୍ରହଣ କରିବାକୁ ସେମାନେ ଆଲୋଚନା କରିଛନ୍ତି ।

ଇସ୍ରାଏଲ୍‌ର ପ୍ରସ୍ତାବିତ ଅସ୍ତ୍ରବିରତି ଚୁକ୍ତିରେ ମହିଳା, ଶିଶୁ, ବୟସ୍କ ଏବଂ ଆହତ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ କୁହାଯାଇଛି । ରାଫାର ସମସ୍ତ ଜନବହୁଳ ଅଞ୍ଚଳରୁ ଇସ୍ରାଏଲ୍ ସେନାକୁ ପ୍ରତ୍ୟାହାର କରିବାକୁ ମଧ୍ୟ ଏଥିରେ ପ୍ରସ୍ତାବ ରହିଛି । ତେବେ ପ୍ରଥମ ପର୍ଯ୍ୟାୟରେ ୬ ସପ୍ତାହ ପାଇଁ ଅସ୍ତ୍ର ବିରତି ବଳବତ୍ତର ରହିବ । ଏହି ସମୟ ମଧ୍ୟାରେ ଇସ୍ରାଏଲ୍ ଏବଂ ହମାସ୍ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବୁଝାମଣା କରିବେ ଏବଂ ଏହାର ନିଷ୍କର୍ସ ଏକ ସ୍ଥାୟୀ ଅସ୍ତ୍ରବିରତି ହେବ ବୋଲି ଇସ୍ରଏଲ୍ ପ୍ରସ୍ତାବରେ କୁହାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ  ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବା ସହ ଇସ୍ରାଏଲ୍ ଜେଲ୍‌ରେ ଥିବା ୯୦୦ ପାଲେଷ୍ଟିନୀୟଙ୍କୁ ମଧ୍ୟ ମୁକ୍ତ କରାଯିବାର ପ୍ରସ୍ତାବ ରହିଛି ।

ତୃତୀୟ ପର୍ଯ୍ୟାୟରେ ଗାଜାର ପୁନଃ ନିର୍ମାଣ ଯୋଜନା ଏବଂ ଅବଶିଷ୍ଟ ବନ୍ଦୀଙ୍କୁ ମୁକ୍ତ କରିବାର ବ୍ୟ  ବସ୍ଥା ମଧ୍ୟ ଏହି ପ୍ରସ୍ତାବରେ ରହିଛି ।

## ମାଗୁଣି ଚରଣ-ପ୍ରେଜ୍ କଣ୍ଟୋଲେନ୍ସ

ଓଡ଼ିଶାର ସ୍ୱନାମଧନ୍ୟ କଣ୍ଢେଇ ନୃତ୍ୟ ଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କର ଆଜି ପରଲୋକ ହୋଇଛି । ଅସୁସ୍ଥତା କାରଣରୁ ଦୀର୍ଘଦିନ ଧରି ସେ ଚିକିତ୍ସିତ ଥିଲେ । କେନ୍ଦୁଝରଗଡ଼ ପୌରପାଳିକା ପୁରୁଣା ସହରସ୍ଥିତ ନିଜ ବାସଭବନରେ ତାଙ୍କର ପରଲୋକ ହୋଇଛି । ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । କାଠିକଣ୍ଢେଇ ନୃତ୍ୟ ପାଇଁ ତାଙ୍କୁ ୨୦୨୩ରେ ପଦ୍ମଶ୍ରୀ ସମ୍ମାନ ମିଳିଥିଲା । ଏହା ସହିତ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଏବଂ ଅନ୍ୟାନ୍ୟ ବହୁ ପୁରସ୍କାର ଓ ସମ୍ମାନରେ ସେ ସମ୍ମାନିତ ହୋଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ନେପାଳ ପଲୁସନ୍

ନେପାଳର ବାଗମତୀ ପ୍ରଦେଶର ସୁଲ୍‌କୋଶୀ ନଦୀକୁ ସଫା କରିବା ପାଇଁ ଏକ ଅଭିଯାନ ଆରମ୍ଭ ହୋଇଛି ।ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁଁ ଜନଜୀବନ ଉପରେ ପଡୁଥିବା ପ୍ରତିକୂଳ ପ୍ରଭାବକୁ ଦୃଷ୍ଟିରେ ରଖି ସେଠାରେ ଏଭଳି ଅଭିଯାନ ଆରମ୍ଭ କରାଯାଇଛି । ଆଜି ଏହି ସଫେଇ କାର୍ଯ୍ୟକ୍ରମରେ ୧୩୪ ଜଣ ଅଂଶ ଗ୍ରହଣ କରିଥିଲେ । ନଦୀ ପ୍ରବାହିତ ଦେଶଗୁଡ଼ିକର ମଧୁରଜଳ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ସାମୁଦ୍ରିକ

ଜୀବଜନ୍ତୁଙ୍କୁ ମଧ୍ୟ ପ୍ରଦୂଷଣର ପ୍ରଭାବରୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି । ଏହି ପ୍ରକଳ୍ପରେ ୭ଟି ପୌରପାଳିକାରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନଦୀ ସଫେଇ କରିବାକୁ ନିଷ୍ପତ୍ତି ନିଆଯାଇଛି ।

ସୂଚନାଯୋଗ୍ୟ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ସଂଶୋଧନ ଅଧିନିୟମ ୨୦୨୧ ଅନୁଯାୟୀ ଭାରତ ଗତ ଜୁଲାଇ ପହିଲାରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଉତ୍ପାଦନ ଉପରେ ନିଷେଧାଦେଶ ଜାରି କରିଛି ।